## ହନୁମାନ ମନ୍ଦିରରୁ ଚୋରି

ବୈଶିଙ୍ଗା,(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ଗ୍ରାମରେ ଥିବା ହନୁମାନ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମୁଖ୍ୟ ପୂଜକ ଗ୍ରାମବାସୀଙ୍କ ସହ ସନ୍ଧ୍ୟା ଆଳତି ସାରି ଚାବି ପକାଇ ଘରକୁ ଯାଇଥିଲେ। ମଙ୍ଗଳବାର ସକାଳେ ଠାକୁରଙ୍କ ରୁପା ମୁକୁଟ, ତମ୍ବା ଓ ପିତଳ ବାସନ ଆଦି ଚୋରି ହୋଇଛି। ସୂଚନା ପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଏନେଇ ଏକ ମାମଲା(ନଂ.୨୮୭/୨୧) ରୁଜୁ ହୋଇଥିବା ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ବାଙ୍ଗିରିପୋଷି/ବିଶୋଇ,୨୮।୯ (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦ୍ୱାରଶୁଣୀ ଘାଟିରେ ଟ୍ରକ୍ ଧକ୍କାରେ ବିଶୋଇ ଥାନା ଅଞ୍ଚଳର କୃଷ୍ଣଚନ୍ଦ୍ର ଗିରିଙ୍କ ମୃତ୍ୟୁ ଘଟିଛି। ଏକ ବାଇକ୍ ଯୋଗେ ସେ ଘାଟିରୁ ଓହ୍ଲାଉଥିବା ବେଳେ ଟ୍ରକ୍‌ଟି ତାଙ୍କୁ ଧକ୍କା ଦେଇ କିଛି ବାଟ ଘୋଷାଡ଼ି ନେଇଥିଲା। ବାଙ୍ଗିରିପୋଷି ପୋଲିସ ଓ ଦମକଳ ବାହିନୀ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ବାଙ୍ଗିରିପୋଷି ଥାନାରେ ଏକ ମାମଲା(ନଂ.୨୨୬/୨୧) ରୁଜୁ ହୋଇଛି।

### ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

ଭଦ୍ରକ ଅଫିସ, ୨୮।୯: ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ଜଗନ୍ନାଥପୁର ସ୍ଥିତ ଏକ ଘରୋଇ ମେସ ଭିତରୁ ମଙ୍ଗଳବାର ପୂର୍ବାହ୍ନରେ ପୋଲିସ ଜଣେ କଲେଜ ଛାତ୍ରୀଙ୍କ ମୃତଦେହ ଜବତ କରିଛି। ସାବରଙ୍ଗ ଥାନା ଅଞ୍ଚଳର ଉକ୍ତ ଛାତ୍ରୀ ଭଦ୍ରକ ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇରେ ପାଠ ପଢ଼ୁଥିଲେ। ସେ ସୋମବାର ରାତିରେ କୌଣସି କାରଣରୁ ରଶି ଲଗାଇ ଆତ୍ମହତ୍ୟା କରିଥିବା ମେସ ମାଲିକ ସମ୍ପୃକ୍ତ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ମଙ୍ଗଳବାର ଟାଉନ ଥାନାରେ ଖବର ଦେବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

### ଚୋରି ସାମଗ୍ରୀ ଜବତ: ଅଭିଯୁକ୍ତ କୋର୍ଟ ଚାଲାଣ

ଠାକୁରମୁଣ୍ଡା,୨୮।୯(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ପୋଲିସ ସୋମବାର ଜଣେ ଚୋରଙ୍କୁ ଗିରଫ କରିବା ସହ ସେ ଲୁଚାଇ ରଖିଥିବା ଚୋରି ସାମଗ୍ରୀ ଜବତ କରିଛି। ଅଭିଯୁକ୍ତ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ଗେଣ୍ଡାବସା ଗ୍ରାମର ଯୁଧିଷ୍ଠିର ହାଁସଦା। ଏନେଇ ପୋଲିସ ଏକ ମାମଲା(ନଂ.୫୩/୨୧)ରୁଜୁ କରି ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏକ ମାସ ପୂର୍ବରୁ ସାତକୋଶିଆଠାରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଗୟଲମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ଓ ବୁଢ଼ୀକୁଦର ଗ୍ରାମରେ ଥିବା ଏକ ମୋବାଇଲ ଦୋକାନରୁ ଚୋରି ହୋଇଥିଲା। ଏନେଇ ତଦନ୍ତ ଜାରି ରହିଥିବା ବେଳେ ସୋମବାର ମହୁଲଡିହା ଥାନା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ସାତକୋଶିଆ ନିକଟରେ ସନ୍ଦେହଜନକ ଭାବରେ ବୁଲୁଥିବା ଯୁଧିଷ୍ଠିରଙ୍କୁ ଥାନାକୁ ଆଣି ପଚରା ଉଚରା କରିବାରୁ ଚୋରି ଘଟଣାରେ ସେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିବା ପୋଲିସ ସୂଚନା ଦେଇଛି। ସେ ଲୁଚାଇ ରଖିଥିବା ଗୋଟିଏ ବାଇକ୍ ସମେତ ଦୁଇଟି ବ୍ୟାଟେରି ଆଦି ପୋଲିସ ଜବତ କରିଛି।

### ଚୋରା କୋଇଲା ଜବତ

ପଦ୍ମପୁର, ୨୮।୯(ଡି.ଏନ.ଏ.): ଭଦ୍ରକ ସଦର ବ୍ଲକ ଅଧୀନ ସାବରଙ୍ଗ ପୋଲିସ କୋଇଲା ଚୋରା ଚାଲାଣ ହେଉଥିବା ବେଳେ ଚଢ଼ାଉ କରି ବୋଲେରୋ ସହ ଚୋରା କୋଇଲା ଜବତ କରିଛି। ସୋମବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ବଣିଆଁ ଠାରେ କୋଇଲା ଚୋର ମାନେ ଏକ ବୋଲେରୋରେ କୋଇଲା ଲଦି ଚାଲାଣ କରୁଥିଲେ। ଏଏସ୍‌ଆଇ ଯତୀନ୍ଦ୍ର ନାଥ ସିଙ୍ଘ, କନଷ୍ଟେବଲ ସଞ୍ଜୟ ଦେହୁରୀ କୋଇଲା ବୋଝେଇ ଗାଡ଼ିକୁ ପିଛା କରିଥିଲେ। ପୋଲିସ ଗାଡ଼ି ପିଛା କରୁଥିବାର ଦେଖି ଚାଳକ ଗାଡ଼ିକୁ ଛାଡ଼ି ଧାନ ବିଲରେ ପଶି ଦୌଡ଼ି ପଳାଇଥିଲା। ଗାଡ଼ିରେ ୧ ଟନ୍ ୫୦ କିଗ୍ରା କୋଇଲା ଥିବାର ସୂଚନା ମିଳିଛି। ପୋଲିସ ଗାଡ଼ିକୁ ଜବତ କରି ଥାନାକୁ ଆଣିବା ସହ ଏକ ମାମଲା(ନଂ ୨୨୧/୨୧) ରୁଜୁ କରିଛି।

### ନିରଞ୍ଜନ ପାଇଲେ ପ୍ରକୃତିବନ୍ଧୁ ସମ୍ମାନ

ଭଦ୍ରକ ଅଫିସ, ୨୮।୯: ଶିକ୍ଷା ଅଧ୍ୟୟନ ସହିତ ପ୍ରକୃତିକୁ ସୁନ୍ଦରମୟ କରିବା ନିମନ୍ତେ ବୃକ୍ଷରୋପଣର ଆବଶ୍ୟକତା ରହିଛି। ଏହାକୁ ପ୍ରାଧାନ୍ୟ ଦେଇଛନ୍ତି ଭଦ୍ରକ ଜିଲାର ବିଜ୍ଞାନ ଶିକ୍ଷକ ନିରଞ୍ଜନ ବାରିକ। ସେ ଉତ୍ତମ ଶିକ୍ଷାଦାନ ସହିତ ପ୍ରକୃତିକୁ ସୁରକ୍ଷା ନିମନ୍ତେ ପ୍ରତ୍ୟେକ ଦିନ ବୃକ୍ଷରୋପଣ ଓ ବୃକ୍ଷ ସେବା କରିଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତାଙ୍କୁ ଚଳିତବର୍ଷ ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା ତାଙ୍କୁ ବର୍ଣ୍ଣାଢ୍ୟ ପରିବେଶରେ ସମ୍ମାନିତ କରିଛନ୍ତି। ବାରିକ ବର୍ତ୍ତମାନ ଭଦ୍ରକ ସାବରଙ୍ଗ ସ୍ଥିତ ସାହାଡା ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାପୀଠରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟରତ।

# 'ଶହୀଦ, ସଂଗ୍ରାମୀ ଚିର ସ୍ମରଣୀୟ'

## ରକ୍ତତୀର୍ଥ ଇରମ୍‌ରେ ଶହୀଦ ଦିବସ

ବାସୁଦେବପୁର,୨୮।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁରସ୍ଥିତ ରକ୍ତତୀର୍ଥ ଇରମଠାରେ ମଙ୍ଗଳବାର ୭୯ତମ ଶହୀଦ ଦିବସ ସ୍ଥାନୀୟ ପର୍ଯ୍ୟଟନ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ଜିଲାପାଳ ତ୍ରିଲୋଚନ ମାଝି ଶହୀଦ ସ୍ମୃତି ସ୍ତମ୍ଭ ଓ ସମାଧି ପୀଠରେ ମାଲ୍ୟାର୍ପଣ କରିଥିଲେ। ପରେ ପୂର୍ବାହ୍ନ ୮ଟାରେ ଅତିରିକ୍ତ ଜିଲାପାଳ ମଧୁସୂଦନ ଦାସ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶହୀଦମାନଙ୍କ ଆତ୍ମ ବଳିଦାନ ଯୋଗୁ ଦେଶ ସ୍ୱାଧୀନ ହୋଇଥିଲା। ଇରମ ତଥା ବାସୁଦେବପୁର ଅଞ୍ଚଳର ପ୍ରତିଟି ଜନସାଧାରଣ ଏଥିପାଇଁ ଗର୍ବିତ ବୋଲି ସେ ମତରଖିଥିଲେ। ଏହିଅବସରରେ ଆୟୋଜିତ ପଥପ୍ରାନ୍ତ ସ୍ମୃତି ସଭାରେ ଏସ୍‌ପି ଚରଣ ସିଂ ମୀନା ମତ ରଖି ଶହୀଦ ଓ ସଂଗ୍ରାମୀମାନେ ଚିର ସ୍ମରଣୀୟ ବୋଲି କହିଥିଲେ।


ଏସ୍‌ପି ଚରଣ ସିଂ ମୀନା ମତ ରଖୁଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ପର୍ଯ୍ୟଟନ ଉନ୍ନୟନ ପରିଷଦର ସଭାପତି ତଥା ବିଡିଓ ପ୍ରଣବ କୁମାର ବେହେରା, ସଭ୍ୟ ତଥା ଇରମ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ଜିପିଇଓ ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଅଶୋକ ଦାସ, ସରପଞ୍ଚ ତଥା ବ୍ଲକ କଂଗ୍ରେସ ମହିଳା ମୋର୍ଚ୍ଚା ସଭାନେତ୍ରୀ ମଞ୍ଜୁଲତା ପଣ୍ଡା, ଭାଜପାର ଜିଲା ସଭାପତି ହେମନ୍ତ ପାଢ଼ୀ, ଜିଲା ଉପସଭାପତି ଉଦୟ ନାରାୟଣ ମଲିକ, ରବି ନାରାୟଣ ଦାସ, ସରପଞ୍ଚ କମଳାକାନ୍ତ ବାରିକ, ସୋସିଆଲ ମିଡିଆ ରାଜ୍ୟ ସଂଯୋଜକ ସୂର୍ଯ୍ୟବଂଶୀ ସୂରଜ, ଜିଲା ଯୁବ ଯାଦବ ସଂଘର ଜିଲା ସଭାପତି ପ୍ରଭାକୋଟି ମହାକୁଡ଼ଙ୍କ ସମେତ ବିଭିନ୍ନ ରାଜନୈତିକ, ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗଦାନ କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଜିଲା ଆରକ୍ଷୀ ବାହିନୀ ତରଫରୁ ଶହୀଦ ପୀଠରେ ଗାର୍ଡ଼ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଶହୀଦ ଦିବସରେ ବାସୁଦେବପୁର ହାଇସ୍କୁଲ ଛକ ଠାରେ ଶହୀଦ ତୀର୍ଥଯାତ୍ରୀ ସଂଘ ତରଫରୁ ପତାକା ଉତ୍ତୋଳନ କରାଯିବା ପରେ ବାସୁଦେବପୁର ଗାନ୍ଧୀ ବରଣ୍ଡୁଆ ସ୍ଥିତ ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# 'ଆୟୁଷ ଡାକ୍ତରଙ୍କୁ ନିୟମିତ କରାଯାଉ'

ବାରିପଦା ଅଫିସ,୨୮।୯

ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟକରୁଥିବା ମୟୂରଭଞ୍ଜ ଜିଲାର ଆୟୁଷ ଡାକ୍ତରମାନଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଅଲ୍ ଓଡ଼ିଶା ଆୟୁଷ ଡାକ୍ତର ସଂଘ ଜିଲା ଶାଖା ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସେପ୍ଟେମ୍ବର ୩୦ତାରିଖ ସୁଦ୍ଧା ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ ନ କଲେ ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀଠାରୁ ବର୍ହିବିଭାଗ ବ୍ୟତୀତ ଅନ୍ୟ କୌଣସି ସେବା କାର୍ଯ୍ୟରେ ଅସହଯୋଗ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲାରେ ଥିବା ପିଏଚ୍‌ସି ଓ ସିଏଚ୍‌ସିରେ ୯୪ଜଣ ଆୟୁଷ ଡାକ୍ତର ୧୪ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭ କରି ମହାମାରୀ କରୋନା ସମୟରେ ରାପିଡ୍ ରେସପନ୍ସ ଟିମ୍‌ରେ କାର୍ଯ୍ୟକରି ରୋଗୀଙ୍କ ସ୍କ୍ରୀନିଂ, କଣ୍ଟାକ୍ଟ ଟ୍ରେସିଂ ଆଦି କାର୍ଯ୍ୟରେ ସାମିଲ ହୋଇଛନ୍ତି। ଏହା ସହିତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ସରକାରୀ କାର୍ଯ୍ୟକ୍ରମରେ ସହଯୋଗ କରିଆସୁଛନ୍ତି। ଗତ ସାଧାରଣ ନିର୍ବାଚନ ସମୟରେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ନିୟମିତ କରିବା ପାଇଁ ଆଶ୍ୱାସନା ଦିଆଯାଇଥିଲା। ମାତ୍ର ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏହାକୁ ନେଇ ଜିଲା ସଂଘର ସଭାପତି ଡା.ଶ୍ରୀକାନ୍ତ ପୁଥାଳ, ସମ୍ପାଦକ ଡା.ଦେବବ୍ରତ ନାୟକ, ଡା.ଜୟଶ୍ୟାମ ପଶା, ଡା.ଶାଗରିକା ମହାପାତ୍ର, ଡା.ମନୋଜ ନାଥ, ଡା,ମୁକେଶ ମିଶ୍ର, ଡା.ଯଯାତି କେଶରୀ ବେହେରା ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି।

## ଆନ୍ଦୋଳନ ଚେତାବନୀ


ଦାବିପତ୍ର ଦେବାକୁ ଆସିଥିବା ଆୟୁଷ ଡାକ୍ତର।

କେନ୍ଦୁଝର, ୨୮।୯(ଡି.ଏନ୍.ଏ.)

ଗାନ୍ଧୀ ଜୟନ୍ତୀଠାରୁ ଜିଲାରେ କାର୍ଯ୍ୟରତ ସମସ୍ତ ଆୟୁଷ ଡାକ୍ତର ଅସହଯୋଗ ଆନ୍ଦୋଳନ କରିବାକୁ ଅଲ୍ ଓଡ଼ିଶା ଆୟୁଷ ଡାକ୍ତର ଆସୋସିଏଶନ୍, କେନ୍ଦୁଝର ଶାଖା ପକ୍ଷରୁ ଜିଲାପାଳଙ୍କୁ ମଙ୍ଗଳବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୩୦ ତାରିଖ ମଧ୍ୟରେ ଉକ୍ତ ଦାବି ପୂରଣ କରା ନ ଗଲେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଜିଲାରେ କାର୍ଯ୍ୟରତ ସମସ୍ତ ଆୟୁଷ ଡାକ୍ତର ଅସହଯୋଗ ଆନ୍ଦୋଳନ କରିବେ ବୋଲି ଏହି ଅବସରରେ ଲିଖିତ ଜଣାଇଛନ୍ତି। ଆୟୁଷ ଡାକ୍ତରମାନେ ବିଗତ ୧୪ ବର୍ଷ ହେବ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ କାର୍ଯ୍ୟରତ ଅଛନ୍ତି। ସେମାନେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ଥିଲେ ମଧ୍ୟ ତାଙ୍କ ଚାକିରୀକୁ ନିୟମିତ କରାଯାଉନାହିଁ କିମ୍ବା ଦାବିଗୁଡ଼ିକ ପ୍ରତି ଧ୍ୟାନ ଦିଆଯାଉନାହିଁ। ଅଲ୍ ଓଡ଼ିଶା ଆୟୁଷ ଡାକ୍ତର ଆସୋସିଏଶନ୍, କେନ୍ଦୁଝର ଶାଖାର ସଭାପତି ଡାକ୍ତର କ୍ଷୀରୋଦ କୁମାର ମହାନ୍ତ, ସମ୍ପାଦକ ପୀତବାସ ଦାସଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

# କୃଷକ ସଙ୍ଗଠନର ବିକାଶକୁ ଗୁରୁତ୍ୱ

ଚାନ୍ଦବାଲି, ୨୮।୯(ଡି.ଏନ.ଏ.)

ଭଦ୍ରକ ଜିଲାର ଚାନ୍ଦବାଲି ବ୍ଲକର ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଠାରେ ଲାଲ( ଲିଭ ଆଣ୍ଡ ଲେଟ ଲିଭ) ସଙ୍ଗଠନ ମାଧ୍ୟମରେ ମତୋ, ଭାଟପଡ଼ା, ମନସୁଧା ଓ ମାଧପୁର ଆଦି ପଞ୍ଚାୟତ ଚାଷୀଙ୍କ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଉକ୍ତ ପଞ୍ଚାୟତ ଗୁଡ଼ିକରୁ ୧୫୨ଚାଷୀ ଉପସ୍ଥିତ ଥିଲେ। ଏହି ସଭାରେ ରାଜ୍ୟ କୃଷି ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର, ଲାଲର ପରିଚାଳକ ରଞ୍ଜନ କୁମାର ରାଉତ, ଲାଲର ସମ୍ପାଦକ କ୍ଷେତ୍ର ମୋହନ ବେହେରା ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କୁ ଉକ୍ତ ଯୋଜନା ବିଷୟରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ରୀୟ ଯୋଜନା ଅଧୀନରେ ୧୦ ହଜାର କୃଷକ ଉତ୍ପାଦକ ସଙ୍ଗଠନର ଗଠନ ଓ ଭୂମିକା ବିଷୟରେ ପରିଚାଳକ ରାଉତ ଉପସ୍ଥିତ ରହି ଚାଷୀଙ୍କୁ ଅବଗତ କରାଇଥିଲେ। ଏହି ଯୋଜନାରେ ଚାଷୀ ମାନେ କିପରି ନିଜର ଅଧିକାର ବଜାୟ ରଖି ଅଧିକ ପଇସା ପାଇପାରିବେ ସମ୍ପାଦକ କ୍ଷେତ୍ରମୋହନ ବେହେରା ବକ୍ତବ୍ୟ ରଖିଥିଲେ। ସୁବାଶ ଦାଶ, ରତ୍ନାକର ନାୟକ, କାହ୍ନୁଚରଣ ବେହେରା, ଶେଷଦେବ ବାରିକ ପ୍ରମୁଖ ସହଯୋଗ କରିଥିଲେ।


ଚାଷୀ ମାନଙ୍କୁ ତାଲିମ ଦିଆଯାଉଛି।

## ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଲେ ତହସିଲଦାର

ଭଣ୍ଡାରିପୋଖରୀ, ୨୮।୯(ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲଦାର ସରୋଜକାନ୍ତ ନାୟକ ପୂର୍ବ ସପ୍ତାହରେ ହୋଇଥିବା ବୈତରଣୀ ନଦୀ ବନ୍ୟାରେ ବ୍ଲକର ପ୍ରଭାବିତ ଅଞ୍ଚଳ ଗସ୍ତ କରିଥିଲେ। ଗତ ସପ୍ତାହରେ ବୈତରଣୀ ନଦୀରେ ବନ୍ୟା ଆସି ବ୍ଲକର ପ୍ରାୟ ୫ଗୋଟି ପଞ୍ଚାୟତର ଚାଷ ଜମି ପ୍ରଭାବିତ ହୋଇଥିଲା। କଣ୍ଟି ଘାଇରେ ବନ୍ୟାଜଳ ପ୍ରବାହିତ ହୋଇ ବରାହକୁଆପଡ଼ା, ଜଳହରି, ଷୋଳମପୁର, ଚତୁର୍ଭୁଜପୁର ପ୍ରମୁଖ ଗାଁର ଚାଷଜମି ଅଧିକ ପ୍ରଭାବିତ ହୋଇଥିଲା। ଚାଷ ଜମିରେ ଲଘୁଚାପଜନିତ ବର୍ଷା ପାଣି ରହିବା ସହ କଣ୍ଟିଘାଇ ଦେଇ ବନ୍ୟା ପାଣି ମାଡ଼ିଯିବାରୁ ବହୁ ଧାନ ଗଛ ନଷ୍ଟ ହୋଇଛି। ଏହି ସବୁ ଅଞ୍ଚଳକୁ ତହସିଲଦାର ନାୟକ ଗସ୍ତ କରି ପ୍ରଭାବିତ କ୍ଷେତକୁ ବୁଲି ଦେଖିଥିଲେ। ଏଥିରେ ଗ୍ରାମ୍ୟ କୃଷି କର୍ମଚାରୀ ପ୍ରମୋଦ କୁମାର ନାୟକ, ରାଜସ୍ୱ ନିରୀକ୍ଷକ ରାମନାରାୟଣ ସାମଲ, ନରେଶ ମହାନ୍ତି, ଦିବ୍ୟରଞ୍ଜନ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ଚାରାରୋପଣ ଅଭିଯାନ

ପାଟଣା, ୨୮।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଖାଟିପଡା ଗ୍ରାମରେ ମଙ୍ଗଳବାର ଚାରାରୋପଣ ଅଭିଯାନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଭଞ୍ଜ, ଯୁବନେତା ବଳରାମ ବାରିକ, ବିଜେଡି ବଡ଼ପାଟଣା ପଞ୍ଚାୟତ ସଭାପତି ମହେନ୍ଦ୍ର ମିଶ୍ର, ସାମାଜିକ କର୍ମୀ ପ୍ରମୋଦ ଭଞ୍ଜ, ଖବର ଦାତା ରଞ୍ଜନ ବାରିକ, ରେଞ୍ଜର ଚିକେଶ୍ୱର ମହାନ୍ତ, ବନପାଳ ସନାତନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ୫୦୦ ରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଶାଗୁଆନ, ଶିଶୁ, ଜାମୁ, ଗମ୍ଭାରୀ ଆଦି ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ।

## ଗଛରେ ପିଟି ହୋଇ ବାଇକ୍ ଚାଳକ ମୃତ

ବାରିପଦାଅଫିସ/ବେତନଟୀ,୨୮।୯ (ଡି.ଏନ.ଏ.)– ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଦହିକୋଟୀ ବାଉଁଶ ନଦୀ ପୋଲ ନିକଟରେ ମଙ୍ଗଳବାର ରାତିରେ ଏକ ଖଜୁରୀ ଗଛରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅମଣିଦା ଗ୍ରାମର ରାମ ମାରାଣ୍ଡି। ତାଙ୍କ ସହିତ ଯାଉଥିବା ମଙ୍ଗଳ ମାରାଣ୍ଡିଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି।

# ଜନଶୁଣାଣିରେ ପୋଲିସ ଛାଉଣୀ

## ବାହାରେ ହଟ୍ଟଗୋଳ, ଭିତରେ ବୈଠକ

ଯୋଡ଼ା,୨୮।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳସ୍ଥିତ ଟାଟା କମ୍ପାନୀର ଯୋଡ଼ା ଇଷ୍ଟ ଲୌହ ଖଣିର ଜନଶୁଣାଣି ମଙ୍ଗଳବାର କେନ୍ଦ୍ରୀୟ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଖଣିରୁ ଉତ୍ତୋଳିତ ଲୁହାପଥରରେ ଝାଡ଼ଖଣ୍ଡସ୍ଥିତ ଟାଟା ନଗରର ଷ୍ଟିଲ୍ ପ୍ଲାଣ୍ଟ ଚାଲେ। ଜନଶୁଣାଣି ସ୍ଥଳରେ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଉକ୍ତ ସଭାସ୍ଥଳକୁ କମ୍ପାନୀର ଅନୁମତିରେ ପୋଲିସ ଲୋକଙ୍କୁ ଯିବାକୁ ଦେଉଥିଲା। ସେହି ସମୟରେ ଯୋଡ଼ାର ବିଭିନ୍ନ ୱାର୍ଡର ଯୁବକଙ୍କୁ ଭିତରକୁ ପୋଲିସ ଛାଡ଼ି ନ ଥିଲା। ଯାହାଫଳରେ କିଛି ସମୟ ଧରି ବାହାରେ ହୋହଲ୍ଲା ହୋଇଥିଲା। କମ୍ପାନୀରେ ନିଯୁକ୍ତି ମିଳୁ ନ ଥିବା ପ୍ରତିବାଦରେ ଜନଶୁଣାଣି ବିରୋଧରେ ଲୋକେ ସ୍ଲୋଗାନ ଦେଉଥିବା ଦେଖିବାକୁ ମିଳିଥିଲା। ଜନଶୁଣାଣି ଚାଲିଥିବାବେଳେ ବାହାରେ ଥିବା ଲୋକମାନେ ନିଜର ମତାମତ ଦେବାକୁ ଚାହିଁଥିଲେ ହେଁ ସେମାନଙ୍କୁ ଭିତରକୁ ଛଡ଼ା ଯାଇ ନ ଥିଲା।

ଯୋଡ଼ା, କମାର ଯୋଡ଼ା, ବାଂଶପାଣି, ଖୁଣ୍ଟପାଣି, ଓ ବୈତରଣୀ ସଂରକ୍ଷିତ ଜଙ୍ଗଲ ଗ୍ରାମ ଗୁଡିକରେ ୬୭୧.୦୯୩ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ଯୋଡ଼ା ଇଷ୍ଟ ଲୌହ ଖଣି ଅବସ୍ଥିତ। ସର୍ବମୋଟ ବାର୍ଷିକ୨୨.୯୪ ନିୟୁତଟନ୍ ଖନନ ସହିତ ବେନିଫିକେସନ ପ୍ଲାଣ୍ଟ ଥ୍ରୋ ପୁଟ କ୍ଷମତା ବାର୍ଷିକ ୧୨ନିୟୁତ ଟନ୍‌କୁ ବୃଦ୍ଧି କରିବା ପାଇଁ ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ସର୍ବସାଧାରଣ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁଝର ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ ସଭାପତିତ୍ୱ କରିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ଯୋଗଦେଇ ଲୋକମାନଙ୍କ ମତାମତ ଶୁଣିଥିଲେ। ଖଣି ପ୍ରଭାବିତ ଅଞ୍ଚଳର ୧୧୮ ଜଣ ନିଜର ମତାମତ ଦେଇଥିଲେ। ଏଥିରେ ଯୋଡ଼ାର ବରିଷ୍ଠ ନାଗରିକ ନୀଳମଣି ମହାନ୍ତି ଉପସ୍ଥିତ ରହି ଯୋଡ଼ାର ବେକାରୀ ସମସ୍ୟା ପ୍ରତି ଦୃଷ୍ଟି ଦେଇ ଉକ୍ତ ଖଣିରେ ଟାଟା କମ୍ପାନୀ ନିଯୁକ୍ତି ଦେବା ପାଇଁ ଦାବି କରିଥିଲେ। ବରିଷ୍ଠ ନାଗରିକ ଗୋପାଳ ସାହୁ ଯୋଡ଼ାରେ ଏକ ସୁପର ସ୍ପେଶାଲିଟି ହସ୍ପିଟାଲ ଖୋଲିବା ପାଇଁ ଦାବି କରିଥିଲେ। ସେହିପରି ପୂର୍ବତନ ନଗରପାଳ ଆର.କେ ଦାସ ଜନଶୁଣାଣିକୁ ସମର୍ଥନ ଦେଇ ଯୋଡ଼ାରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଦାବି କରିଥିଲେ। ବାଂଶପାଣି ଅଞ୍ଚଳର ଚତୁର୍ଭୁଜ ପଲେଇ ପ୍ରଥମେ ନିଯୁକ୍ତି କ୍ଷେତ୍ରରେ ଯୁବତୀଯୁବକଙ୍କୁ ଅଗ୍ରାଧିକାର ଦିଆଯାଉ ବୋଲି କହିଥିଲେ।

# କରଞ୍ଜିଆ ସବ୍‌ଟ୍ରେଜେରିରେ ନିଆଁ

## ପୋଡ଼ିଗଲା ଗୁରୁତ୍ୱପୂର୍ଣ୍ଣ ନଥିପତ୍ର, କମ୍ପ୍ୟୁଟର

କରଞ୍ଜିଆ/ଠାକୁରମୁଣ୍ଡା,୨୮।୯(ଡି.ଏନ.ଏ.)– ମୟୂରଭଞ୍ଜ ଜିଲା କରଞ୍ଜିଆ ସବ୍‌ଟ୍ରେଜେରି(ଉପ କୋଷାଗାର)ରେ ନିଆଁ ଲାଗି ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ସହ କମ୍ପ୍ୟୁଟର ପୋଡ଼ି ପାଉଁଶ ହୋଇଯାଇଛି। ମଙ୍ଗଳବାର ଭୋର ପ୍ରାୟ ୪ଟା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ସିକ୍ୟୁରିଟି କର୍ମଚାରୀ ଶିବ ପ୍ରସାଦ ବେହେରା ତଥା ଅନ୍ୟମାନେ ସକାଳୁ କାର୍ଯ୍ୟାଳୟ ଗୃହରୁ ଧୂଆଁ ବାହାରୁଥିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କରଞ୍ଜିଆ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ କାର୍ଯ୍ୟାଳୟର କିଛି ନଥିପତ୍ର ସହ କମ୍ପ୍ୟୁଟର ପୋଡ଼ି ପାଉଁଶ ହୋଇ ସାରିଥିଲା। ଏହି ଅଗ୍ନିକାଣ୍ଡରେ ପ୍ରାୟ ୧.୫ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ସୂଚନା ମିଳିଛି। ବିଦ୍ୟୁତ୍ ସର୍ଟ ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଅଗ୍ନିକାଣ୍ଡରେ ଦରକାରୀ ନଥିପତ୍ର ନଷ୍ଟ ହୋଇନାହିଁ ଓ ଯାହା ବି ନଷ୍ଟ ହୋଇଛି ତାହା ବହୁ ପୁରାତନ ନଥିପତ୍ର ବୋଲି କୋଷାଗାର ଅଧିକାରୀ ରବୀନ୍ଦ୍ର ନାଥ କଟୁଆଳ କହିଛନ୍ତି। ଉପଜିଲାପାଳ ଡ.ରଜନୀକାନ୍ତ ବିଶ୍ୱାଳ, ଉପଖଣ୍ଡ ପୋଲିସ ଅଧିକାରୀ ସୁଦର୍ଶନ ଗାଙ୍ଗୋଇ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
ଘର କାମ ପାଇଁ ଝିଅପିଲା ଆବଶ୍ୟକ। ରହିବା, ଖାଇବା ସହ 5000/– to 7500/–। ଫୁଲନଖରା, କଟକ।
ଯୋଗାଯୋଗ:
7809525452

JOB IN BHUBANESWAR
SURVEY GROUNDS
Post- Full time (BUSINESS DEVELOPER) person.
Exp.- Min. 1 year (Fluency in English). Salary- 12K to 20K (Depends upon caliber).
Email: lkishor@surveygrounds.com

ଆବଶ୍ୟକ
ସେଲ୍‌ସମ୍ୟାନ୍ ଆବଶ୍ୟକ।
ଇଲେକ୍ଟ୍ରିକାଲ ସପ୍,
ଭୁବନେଶ୍ୱର
9437081583

ଏୟାରପୋର୍ଟ ରେ ଚାକିରୀ
(ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
ଏୟାର ହୋଷ୍ଟେସ୍, ଗ୍ରାଉଣ୍ଡ ଷ୍ଟାପ୍, ସୁପରଭାଇଜର, ଚେକର, ଲୋଡର, ହେଲ୍‌ପର୍
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview
ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ।
CONTACT : 8448123162

APPOINTMENT
Urgently required DRIVER for domestic purpose in Bhubaneswar.
Contact:
9937203178

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରିବା ପାଇଁ 10th/+2, ITI Diploma Qualification ଥିବା Candidate ଆବଶ୍ୟକ।
ଦରମା - 7,000/- ରୁ 42,000/-
For Apply Contact
7894509327

ଆବଶ୍ୟକ ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କାରଖାନା ନିମ୍ନଲିଖିତ ପଦବୀ ପାଇଁ ଉପଯୁକ୍ତ ପ୍ରାର୍ଥୀ ଆବଶ୍ୟକ କରୁଛି। ମାର୍କେଟିଂ ମ୍ୟାନେଜର (୧), ସେଲ୍ସ ଏକ୍‌ଜିକ୍ୟୁଟିଭ୍ (୫), ଲ୍ୟାବ୍ ଟେକ୍‌ନିସିଆନ୍ (୧), ପ୍ରୋକୋରମେଣ୍ଟ ଅଫିସର (୨), ଡ୍ରାଇଭର (୨)। ଉପଯୁକ୍ତ ଯୋଗ୍ୟତା ସହିତ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
ଯୋଗାଯୋଗ: ପ୍ରତିଚୀ ଡାଏରୀ ପ୍ରଡକ୍ଟ ପ୍ରା.ଲିଃ., ପ୍ଲଟ ନଂ. ୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ, ମୋ.- ୯୮୫୩୦୦୩୩୧୭
Email ID: pratichidairyproducts@gmail.com

FORM No.13

**BEFORE THE DEBTS RECOVERY TRIBUNAL, CUTTACK, ODISHA**

C-71, SECTOR-7, CDA, CUTTACK, ODISHA

O.A. No. 948 OF 2019

Canara Bank, Puri Branch.............................. Applicant

- Versus -

M/s. Banabasi Sahu and another.......................Defendants

To

Defendant No. (1) M/s. Banabasi Sahu, Prop. Sri Banabasi Sahu, Grand Centre, Grand Road, P.O./Dist.- Puri, Pin-752002.
(2) Sri Banabasi Sahu, S/o. Sri Adwaita Charan Sahu, Markandeswar Sahi, Mangala Ghat, Grand Road, P.O./Dist.- Puri, Pin-752002.
(3) Smt. Sabitri Mohanty, W/o. Sri Chitrasen Routray, At- Siddhamahavir, Gaudasahi, Kumbharapara, P.O./Dist.- Puri(Odisha), Pin-752001.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 948/2019** in the Court of the Debts Recovery Tribunal, Cuttack for recovery of Rs. 46,31,243/- only together with current and future interest costs and other reliefs. The above-mentioned defendants are therefore directed to appear before this Tribunal in person of through an advocate or duly authorized agent in support of their defense to show cause within 30 days from the date of publication or on 03.11.2021 at 10.30 A.M. as to why reliefs prayed for should not be granted.
Take notice that, in case of default the application will be heard and determined in their absence.
Given under my hand and seal of this Tribunal on this 30th day of Aug' 2021.

Sd./- REGISTRAR
DEBTS RECOVERY TRIBUNAL, CUTTACK

FORM No.13

**BEFORE THE DEBTS RECOVERY TRIBUNAL, CUTTACK, ODISHA**

C-71, SECTOR-7, CDA, CUTTACK, ODISHA

O.A. No. 947 OF 2019

Canara Bank, Puri Branch.............................. Applicant

- Versus -

Sri Banabasi Sahu and anothers.......................Defendants

To

Defendant No. (1) Sri Banabasi Sahu, S/o. Sri Adwaita Charan Sahu, Markandeswar Sahi, Mangala Ghat Road, Baseli Sahi, P.O./Dist.- Puri, Pin-752001.
(2) Smt. Puspanjali Sahu, W/o. Sri Banabasi Sahu, At- Mangala Ghat Road, Baseli Sahi, P.O./Dist- Puri, Pin-752001.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 947/2019** in the Court of the Debts Recovery Tribunal, Cuttack for recovery of Rs. 42,16,698/- only together with current and future interest costs and other reliefs. The above-mentioned defendants are therefore directed to appear before this Tribunal in person of through an advocate or duly authorized agent in support of their defense to show cause within 30 days from the date of publication or on 03.11.2021 at 10.30 am as to why reliefs prayed for should not be granted.
Take notice that, in case of default the application will be heard and determined in their absence.
Given under my hand and seal of this Tribunal on this 30th day of Aug'2021.

Sd./- REGISTRAR
DEBTS RECOVERY TRIBUNAL, CUTTACK

